# NATIONAL NEWS BULLETIN (ODIA)

## 30 January-2025

### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଇସ୍ରୋର ଏକଶହତମ ଉତ୍କ୍ଷେପଣ ଅବସରରେ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ ।
- ସଂସଦର ବଜେଟ୍ ଅଧିବେଶନ ଅବ୍ୟବହିତ ପୂର୍ବରୁ ଆଜି ସର୍ବଦଳୀୟ ବୈଠକ ଡାକିଛନ୍ତି ସରକାର ।
- ତ୍ରିବେଣୀ ସଂଗମ ଦୁର୍ଘଟଣାର ନ୍ୟାୟିକ ତଦନ୍ତ ଲାଗି ଉତ୍ତରପ୍ରଦେଶ ସରକାରଙ୍କ ନିର୍ଦ୍ଦେଶ ।
- ୨୦୩୦ ମସିହା ସୁଦ୍ଧା ଦେଶରେ ଅଣ ଜୀବାଶ୍ମ ଇନ୍ଧନ ମାଧ୍ୟମରେ ୫୦୦ ଗିଗାୱାଟର ଶକ୍ତି ଉତ୍ପାଦନ କରାଯିବାର ଲକ୍ଷ୍ୟ ରଖିଛନ୍ତି କେନ୍ଦ୍ର ସରକାର ।

ଏବଂ

- ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆଜି ସହିଦ ଦିବସ ଅବସରରେ ଉଦ୍‌ଘାଟିତ ହେବ ନୂଆଦିଲ୍ଲୀରେ ।

# ପିଏମ୍-ଇସ୍ରୋ

ଭାରତୀୟ ମହାକାଶ ଗବେଷଣା ସଂସ୍ଥାର ଐତିହାସିକ ଏକଶହତମ ଉତ୍କ୍ଷେପଣ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରୋର ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି ଦେଶର ବୈଜ୍ଞାନିକ ଏବଂ ଇଞ୍ଜିନିୟର ମାନଙ୍କର ଉତ୍ସର୍ଗୀକୃତ ମନୋଭାବ, ଦୃଷ୍ଟିକୋଣ ଏବଂ ପ୍ରତିଶ୍ରୁତିବଦ୍ଧତା ଏହି ଅଭୂତପୂର୍ବ ମାଇଲଖୁଣ୍ଟ ଦ୍ୱାରା ପ୍ରତିଫଳିତ ହୋଇଛି । ଘରୋଇ କ୍ଷେତ୍ରର ସହଯୋଗରେ ଦେଶର ମହାକାଶ ଯାତ୍ରା ଭବିଷ୍ୟତରେ ଏକ ନୂତନ ଶିଖର ସ୍ପର୍ଶ କରିବ ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ ଆଶାବ୍ୟକ୍ତ କରିଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ ଯେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ଇସ୍ରୋ ଗତକାଲି ନୂତନ ପିଢ଼ିର ଉପଗ୍ରହ ଏମ୍.ଭି.ଏସ୍-୦୨କୁ ସଫଳତାର ସହ ଉତ୍କ୍ଷେପଣ କରିଛି । ସକାଳ ୬ଟା ୩୦ ମିନିଟ୍‌ରେ ଜିଏସ୍‌ଏଲ୍‌ଭି ଏଫ୍-୧୫ ଉତ୍କ୍ଷେପଣ ଯାନରୁ ଏହି ଉପଗ୍ରହର ସଫଳ ଉତ୍କ୍ଷେପଣ କରାଯାଇଛି । ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଏହା ହେଉଛି ୧୦୦ତମ ଉତ୍କ୍ଷେପଣ ।

# ଅଲ୍ ପାର୍ଟି ମିଟ୍

ସଂସଦର ବଜେଟ୍ ଅଧିବେଶନ ଆସନ୍ତାକାଲି ଠାରୁ ଆରମ୍ଭ ହେଉଛି । ଏହାର ଅବ୍ୟବହିତ ପୂର୍ବରୁ ଆଜି ସରକାରଙ୍କ ପକ୍ଷରୁ ଏକ ସର୍ବଦଳୀୟ ବୈଠକ ଡକାଯାଇଛି । ବଜେଟ୍ ଅଧିବେଶନକୁ କିଭଳି ସୁରୁଖୁରୁରେ ସମ୍ପନ୍ନ କରାଯାଇପାରିବ ସେଥିଲାଗି ସରକାର ଗୃହର ନେତାମାନଙ୍କ ସହିତ ଆଲୋଚନା କରିବା ସହ ଏଥିଲାଗି ରାଜନୈତିକ ଦଳଗୁଡ଼ିକର ସମର୍ଥନ ଲୋଡ଼ିବେ ।

ଏ ସମ୍ପର୍କରେ ସୂଚନା ଦେଇ ଆମ ସମ୍ବାଦଦାତା ଜଣାଇଛନ୍ତି ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ସଂସଦର ଯୁଗ୍ମ ଅଧିବେଶନକୁ ଉଦ୍‌ବୋଧନ ସହ ବଜେଟ୍ ଅଧିବେଶନ ଆରମ୍ଭ ହେବ । ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ ପରେ ସେହିଦିନ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉଭୟ ଲୋକସଭା ଓ ରାଜ୍ୟସଭାରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିବେ । ସେହିଭଳି ଆସନ୍ତା ଶନିବାର ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ସଂସଦରେ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିବେ । ସେହିଭଳି ସୋମବାରଦିନ ଲୋକସଭା ଓ ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯିବ । ଏହି ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଆସନ୍ତାମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ସେହିଭଳି ଏହି

ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ଆଗାମୀ ବଜେଟରେ ଘରୋଇ ଏବଂ ବୈଶ୍ୱିକ ଆହ୍ୱାନ ଗୁଡ଼ିକର ମୁକାବିଲା ପାଇଁ ସରକାର ଅର୍ଥନୈତିକ ଏବଂ ବିତ୍ତୀୟ ରଣନୀତି ଉପରେ ପ୍ରାଥମିକତା ପ୍ରଦାନ  କରାଯିବା ନେଇ ଆଶା କରାଯାଉଛି । ଦେଶରେ ସୁଦୃଢ଼ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇ ଅଭିବୃଦ୍ଧି, ନିଯୁକ୍ତି ସୁଯୋଗ ଏବଂ ବିତ୍ତୀୟ ସଚେତନତା ଉପରେ ସରକାର ପ୍ରାଧାନ୍ୟ ଦେବେ ବୋଲି ସାଧାରଣ ଜନତାଙ୍କର ଆଶା ରହିଛି ।

ବଜେଟ ଉପସ୍ଥାପନ ପୂର୍ବରୁ ଆକାଶବାଣୀ ସମ୍ବାଦ ବିଭାଗ ଏକ ସ୍ୱତନ୍ତ୍ର ଧାରାବାହିକରେ ବିଶେଷଜ୍ଞ ଏବଂ ଜନତାଙ୍କଠାରୁ ଏ ନେଇ ମତାମତ ଗ୍ରହଣ କରିଛି । ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ଶିକ୍ଷା ଷ୍ଟାର୍ଟଅପ୍‌ର ସହପ୍ରତିଷ୍ଠାତା ଯଶୋୱନ୍ତ ଚିତ୍ୟାଲା କହିଛନ୍ତି, ଛାତ୍ରଛାତ୍ରୀଙ୍କ ଦକ୍ଷତା ପ୍ରଶିକ୍ଷଣ ଉପରେ ସରକାର ଧ୍ୟାନ କେନ୍ଦ୍ରୀଭୂତ କରିବାର ଆବଶ୍ୟକତା ରହିଛି ।

## ପ୍ରୟାଗରାଜ-ଦୁର୍ଘଟଣା

ମୌନ ଅମାବାସ୍ୟା ଅବସରରେ ଗତକାଲି ତ୍ରିବେଣୀ ସଂଗମ ଠାରେ କୋଟି କୋଟି ଶ୍ରଦ୍ଧାଳୁ ବୁଡ ପକାଇଛନ୍ତି । ଏ ସମ୍ପର୍କରେ ଆମ ସମ୍ବାଦଦାତା

ଦେଇଥିବା ସୂଚନା ଅନୁଯାୟୀ ଗତକାଲି ରାତି ୮ଟା ସୁଦ୍ଧା ୭କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି ଅମୃତ ସ୍ନାନ କରିଛନ୍ତି । ବିଶ୍ୱର ସର୍ବବୃହତ୍ ଧାର୍ମିକ ସମାଗମ ଭାବେ ପରିଚିତ ଏହି ମହାକୁମ୍ଭ ମେଳା ପ୍ରୟାଗରାଜଠାରେ ଗତ ୧୩ ତାରିଖରୁ ଆରମ୍ଭ ହୋଇଛି । ଗତକାଲି ରାତି ୮ଟା ସୁଦ୍ଧା ୨୬କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ ପକାଇ ସାରିଛନ୍ତି ବୋଲି ଆମ ସମ୍ବାଦଦାତା କହିଛନ୍ତି ।

ତେବେ ମଙ୍ଗଳବାର ରାତି ଗୋଟାଏରୁ ୨ଟା ମଧ୍ୟରେ ପ୍ରୟାଗରାଜର ମହାକୁମ୍ଭ ଆଖଡାମାର୍ଗ ଅବରୋଧକୁ ଅତିକ୍ରମ କରିବା ସମୟରେ ୩୦ଜଣଙ୍କର ମୃତ୍ୟୁ ହେବା ସହିତ ଅନ୍ୟ ୬୦ଜଣ ଆହତ ହୋଇଛନ୍ତି । ଏହି ଦୁର୍ଘଟଣାର ତଦନ୍ତ ଲାଗି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏକ ନ୍ୟାୟିକ ତଦନ୍ତର ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଆଦିତ୍ୟନାଥ କହିଛନ୍ତି ୩ ସଦସ୍ୟ ବିଶିଷ୍ଟ ଏହି ନ୍ୟାୟିକ ଆୟୋଗ ଘଟଣାର ସମସ୍ତ ଦିଗକୁ ପୁଙ୍ଖାନୁପୁଙ୍ଖ ଭାବେ ତର୍ଜମା କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ । ଏହାଛଡା ଏହି ଦୁର୍ଘଟଣାରେ ମୃତକଙ୍କ ପରିବାରବର୍ଗଙ୍କ ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ଆଦିତ୍ୟନାଥ ୨୫ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଆହତମାନଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

ଏହି ଦୁର୍ଘଟଣା ପରେ ଆଜି ପ୍ରୟାଗରାଜ ଗସ୍ତ କରି ସେଠାରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ଲାଗି ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଏତଦ୍‌ବ୍ୟତୀତ ସଙ୍ଗମଘାଟଠାରେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ପରେ ସେଠାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ବାହିନୀ ମୁତୟନ କରାଯିବା ସହିତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ସିସିଟିଭି ଓ ଡ୍ରୋନ୍ ମାଧ୍ୟମରେ ସୁରକ୍ଷା କର୍ମୀ ପ୍ରୟାଗରାଜ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ।

## ଯୋଶୀ-ଇଣ୍ଡିଆ ଏନର୍ଜି ସୁମିତ

୨୦୩୦ ମସିହା ସୁଦ୍ଧା ଦେଶରେ ଅଣ ଜୀବାଶ୍ମ ଇନ୍ଧନ ମାଧ୍ୟମରେ ସରକାର ୫୦୦ ଗିଗାୱାଟର ଶକ୍ତି ଉତ୍ପାଦନ କରାଯିବାର ଲକ୍ଷ୍ୟ ରଖିଛନ୍ତି ବୋଲି ନୂତନ ଓ ନବୀକରଣ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ତୃତୀୟ ଭାରତ ଶକ୍ତି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ଯୋଶୀ କହିଛନ୍ତି ଆଗାମୀ ଦିନରେ ଦେଶରେ ଶକ୍ତିର ଚାହିଦା ଦ୍ୱିଗୁଣିତ ହେବାର ଆଶା ରହିଛି । ଏହାର ୫୦ ପ୍ରତିଶତ ନବୀକରଣୀୟ ଶକ୍ତିରୁ ପୂର୍ଣ୍ଣ କରାଯାଇ ପାରିବ ବୋଲି ଶ୍ରୀ ଯୋଶୀ

ଆଶାବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ପିଏମ୍ ସୂର୍ଯ୍ୟଘର ଯୋଜନା ଅଧୀନରେ ଦେଶବ୍ୟାପୀ ୧କୋଟି ପ୍ୟାନେଲ ସ୍ଥାପନ କରାଯିବାର ଲକ୍ଷ୍ୟ ରଖାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ସାଢ଼େ ୮ଲକ୍ଷରୁ ଊର୍ଦ୍ଧ୍ୱ ପ୍ୟାନେଲ ସ୍ଥାପନ କାର୍ଯ୍ୟ ସମ୍ପନ୍ନ ହୋଇଛି । ଗତ ୧୦ବର୍ଷ ମଧ୍ୟରେ ନବୀକରଣୀୟ ଶକ୍ତିର କ୍ଷମତା ପ୍ରାୟ ୨୦୦ ପ୍ରତିଶତ ବୃଦ୍ଧି ପାଇଥିବା ଉପରେ ଆଲୋକପାତ କରି ଶ୍ରୀ ଯୋଶୀ କହିଛନ୍ତି ୨୦୧୪ ମସିହାରେ ଏହି ପରିମାଣ ୭୫ ଦଶମିକ ୫/୨ ଗିଗାୱାଟ ଥିବାବେଳେ ବର୍ତ୍ତମାନ ଏହା ୨୨୦ ଗିଗାୱାଟରେ ପହଞ୍ଚିଛି । ଏହି ସମାରୋହରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀ ଫିକିର ଭାରତର ଶକ୍ତି କ୍ଷମତା ସମ୍ପର୍କିତ ଏକ ରିପୋର୍ଟକୁ ଉନ୍ମୋଚନ କରିଛନ୍ତି ।

## ଗାନ୍ଧୀ-ମାର୍ଟିସ ଡେ ଏକ୍‌ଜିବେସନ

ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆଜି ସହିଦ ଦିବସ ଅବସରରେ ନୂଆଦିଲ୍ଲୀର ରାଜଘାଟସ୍ଥିତ ଜାତୀୟ ଗାନ୍ଧୀ ସଂଗ୍ରହାଳୟରେ ଉଦ୍‌ଘାଟିତ ହେବ । ଏହି ପ୍ରଦର୍ଶନୀର ବିଷୟବସ୍ତୁ ରହିଛି 'ମହାତ୍ମାଙ୍କ ଯାତ୍ରା-ତାଙ୍କ ନିଜସ୍ୱ ନଥିପତ୍ର ମାଧ୍ୟମରେ' । ଏହି

ପ୍ରଦର୍ଶନୀରେ ମହାତ୍ମା ଗାନ୍ଧୀଙ୍କ ବିରଳ ଫଟୋଗ୍ରାଫ, ସରକାରୀ ଦଲିଲ, ଅଡିଓ ରେକର୍ଡିଂ, ଭିଡ଼ିଓ କ୍ଲିପିଂ ଓ ବ୍ୟକ୍ତିଗତ ଚିଠିପତ୍ର ଆଦି ପ୍ରଦର୍ଶିତ ହେବ । ସେହିଭଳି ମହାତ୍ମାଙ୍କ ଜୀବନଯାତ୍ରା ଓ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ନେଇ ୩୦ଟି ପ୍ୟାନେଲ ମଧ୍ୟ ଏହି ପ୍ରଦର୍ଶନୀରେ ସ୍ଥାନ ପାଇଛି । ଏଥିରେ ଇଂଲଣ୍ଡରେ ମହାତ୍ମା ଗାନ୍ଧୀଙ୍କର ଶିକ୍ଷା, ଦକ୍ଷିଣ ଆଫ୍ରିକାରେ ତାଙ୍କର ବିତାଇଥିବା ଗଠନମୂଳକ ସମୟ ଓ ଭାରତର ସ୍ୱାଧୀନତା ସଂଗ୍ରାମରେ ମାଇଲଖୁଣ୍ଟି ହାସଲ କରିବା ଦିଗରେ ତାଙ୍କ ନେତୃତ୍ୱ ଅନ୍ତର୍ଭୁକ୍ତ । ଏ ସମ୍ପର୍କରେ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଏହି ପ୍ରଦର୍ଶନୀ ମହାତ୍ମା ଗାନ୍ଧୀଙ୍କ ଅହିଂସା, ନ୍ୟାୟ ଏବଂ ଶାନ୍ତି ମାର୍ଗଦର୍ଶନକୁ ଏକତ୍ରିତ କରିବାରେ ସହାୟକ ହୋଇଛି । ସେହିଭଳି ଦେଶ ବିଭାଜନ ସମୟରେ ଶାନ୍ତି ବଜାୟ ରଖିବା ଦିଗରେ ଗାନ୍ଧୀଜୀଙ୍କର ଶେଷ ପ୍ରୟାସ ଏବଂ ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାରେ ଦେଶରେ ସାମାଜିକ ନ୍ୟାୟ, ସଦ୍‌ଭାବନା ଏବଂ ଅସ୍ପୃଶ୍ୟତା ଦୂରୀକରଣ ଲାଗି ଗାନ୍ଧୀଜୀଙ୍କର କାର୍ଯ୍ୟଉପରେ ମଧ୍ୟ ଏହି ପ୍ରଦର୍ଶନୀରେ ଆଲୋଚନା କରାଯିବ ।

# ଦିଲ୍ଲୀ-ଇଲେକ୍ସନ

୭୦ ସଦସ୍ୟ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଆସନ୍ତାମାସ ୫ ତାରିଖ ଦିନ ଭୋଟ୍‌ଗ୍ରହଣ କରାଯିବ । ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ଦିଲ୍ଲୀ ବିଧାନସଭା ନିର୍ବାଚନ ସମ୍ପର୍କିତ ସ୍ୱତନ୍ତ୍ର ଅଧ୍ୟାୟରେ ଆଜି ନଜର ପକାଇବା ରାଜୌରୀ ଗାର୍ଡେନ୍ ନିର୍ବାଚନ ମଣ୍ଡଳୀ ଉପରେ । ଏହି ନିର୍ବାଚନ ମଣ୍ଡଳୀ ଦକ୍ଷିଣ-ପଶ୍ଚିମ ଦିଲ୍ଲୀରେ ଅବସ୍ଥିତ । ବିଜେପି ପକ୍ଷରୁ ଏହି ଆସନ ଲାଗି ମନ୍‌ଜିନ୍ଦର ସିଂ ଶୀର୍ଷାଙ୍କୁ ଟିକଟ ଦିଆଯାଇଥିବାବେଳେ କଂଗ୍ରେସ ଏଥିଲାଗି ଧରମପାଲ ଚାଣ୍ଡେଲାଙ୍କୁ ପ୍ରାର୍ଥୀ କରିଛି । ସେହିଭଳି ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଏହି ଆସନରୁ ବର୍ତ୍ତମାନର ବିଧାୟକ ତଥା ଦଳୀୟ ପ୍ରାର୍ଥୀ ଧନୱନ୍ତି ଚଣ୍ଡେଲାଙ୍କ ଉପରେ ପୁଣି ଥରେ ଆଶାପ୍ରକଟ କରାଯାଇଛି । ଏହି ନିର୍ବାଚନ ମଣ୍ଡଳୀରେ ୧ଲକ୍ଷ ୭୮ହଜାରରୁ ଊର୍ଦ୍ଧ୍ୱ ମତଦାତା ଅଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।